# ବିଭିନ୍ନ ସ୍ଥାନରେ ଇଏସ୍ଆଇ ଡିସ୍ପେନସାରୀ ଗୃହ ଉଦ୍ଘାଟିତ

**କୋଇଡା,୧୪।୨(ନି.ପ୍ର):** ଖଣି ଖାଦାନ ଭରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କୋଇଡା ବ୍ଲକରେ ବହୁ ପ୍ରତୀକ୍ଷିତ ରାଜ୍ୟ ସରକାରଙ୍କ ଇଏସ୍ଆଇ ଡିସପେନସାରି ଓଡିଶା ଖଣି ନିଗମ କାର୍ଯ୍ୟାଳୟ ନିକଟରେ ଉଦ୍ଘାଟିତ




ହୋଇଯାଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ଏହି ଡିସପେନସାରୀ ଶ୍ରମିକ ଏବଂ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଇଏସ୍ଆଇ ରାଜ୍ୟ ନିର୍ଦ୍ଦେଶକ ଅଶୋକ ପଣ୍ଡା, ବଣାଇଁ ଉପଜିଲାପାଳ ସୁରଞ୍ଜନ ସାହୁ, ବଣାଇଁ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ସିଆଇଟିୟୁ ରାଷ୍ଟ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତି , ସମାଜସେବୀ କୁଶ ଆପଟ, ଜିଲାପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା,କୋଇଡା ତହସିଲଦାର ଅନୀଲକୁମାର ଆଚାର୍ଯ୍ୟ, କୋଇଡା ବ୍ଲକ୍ ବିଡିଓ ରଶ୍ମୀରେଖା ପାତ୍ର ,କୋଇଡା ଜିଲାପରିଷଦ ସଦସ୍ୟ ଅଶୋକକୁମାର ନାଏକ, ସୁଶିଲା ମୁଣ୍ଡା, ଜିଲା ସିପିଆଇଏମ୍ ସମ୍ପାଦକ ପ୍ରମୋଦ ସାମଲ, ପ୍ରଭାତ ପଣ୍ଡା, ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଏହାଦ୍ୱାରା ପ୍ରାୟ ପାଞ୍ଚ ହଜାର ଶ୍ରମିକ ଏବଂ ତାଙ୍କର ପରିବାର ପାଖାପାଖି ୨୦ ହଜାର ଲୋକ ଉପକୃତ ହେବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ସେହିପରି ସ୍ଥାନୀୟ ବିଧାୟକ ଶ୍ରୀ ମୁଣ୍ଡା ଏହା ଶ୍ରମିକ ଏବଂ ଲୋକଙ୍କ ଉଦେଶ୍ୟ କାର୍ଯ୍ୟ କରିବା ଦରକାର । ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟ ନ ହେଉ । ଇଏସ୍ଆଇ ରାଜ୍ୟ ନିର୍ଦ୍ଦେଶକ ଶ୍ରୀ ପଣ୍ଡା ଏହା ଶ୍ରମିକ ଶ୍ରେଣୀର ଲୋକଙ୍କ ପାଇଁ ସାଞ୍ଜୀବନୀ ପାଲଟିବା ସହ ଦରକାର ପଡ଼ିଲେ ଆମ୍ବୁଲାନ୍ସ ଯୋଗାଇ ଦିଆଯିବା ନେଇ ବ୍ୟବସ୍ଥା ରଖାଯାଇଛି ବୋଲି ବାର୍ତ୍ତା ପ୍ରେରଣ କରିଥିଲେ । ଅନ୍ୟପଟେ ଏହି ଇଏସ୍ଆଇ ଡିସପେନସାରି ଉଦ୍ଘାଟନ ହେବା ପରେ କୋଇଡ଼ାବାସୀଙ୍କ ମଧ୍ୟରେ ଖୁସି ଦେଖାଦେଇଛି ।




**ବଣାଇ:** ବଣାଇ ବ୍ଲକ ପାଠାଗାର ପାର୍ଶ୍ୱସ୍ଥିତ ପୁରୁଣା ଟାଉନ ୟୁପି ବିଦ୍ୟାଳୟ ପରିସରରେ ରାଜାମୁଣ୍ଡାସ୍ଥିତ ଭାସ୍କର ସ୍ପଞ୍ଜ କାରଖାନାର ୮,୫୦,୦୦୦/- ଆର୍ଥିକ ସହାୟତାରେ ନୂତନ ଚିକିତ୍ସା କେନ୍ଦ୍ର ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଶ୍ରମ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ଜିଲା ସାଂସଦ ଜୁଏଲ ଓରାମ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜ୍ୟ ଇଏସଆଇ ବିଭାଗ ନିର୍ଦ୍ଦେଶକ ଅଶୋକ ପଣ୍ଡା, କ୍ଷେତ୍ରୀୟ ଇଏସଆଇ ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ଦାଶ, ବଣାଇ ଉପଜିଲାପାଳ ସୁରଞ୍ଜନକୁମାର ସାହୁ, ବଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ, ସୁନ୍ଦରଗଡ଼ ଜିଲା ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନକୁମାର ତ୍ରିପାଠୀ, ସୁନ୍ଦରଗଡ଼ ଜିଲାପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ବଣାଇ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଷାନ ଯୋଗ ଦେଇଥିଲେ । ଅତିଥି ମାନେ ଠାକୁରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ଦୀପ ପ୍ରଜ୍ୱଳନ ଓ ଫିତା କାଟି ଆନୁଷ୍ଠାନିକ ଭାବେ ଏହି ଚିକିତ୍ସାଳୟକୁ ଉଦ୍ଘାଟନ କରିଥିଲେ । ଆଗାମୀ ଦିନରେ ଶିଳ୍ପ କଳ କାରଖାନାରେ କାର୍ଯ୍ୟରତ ସମସ୍ତ ସମସ୍ତ ଇଏସଆଇ କାର୍ଡଧାରୀ ଗରିବ ଶ୍ରମିକ ଓ ତାଙ୍କ ପରିବାର ସଦସ୍ୟ ଏଠାରେ ଚିକିତ୍ସିତ ହେବା ସହ




ଗୁରୁତର ରୋଗୀଙ୍କୁ ରାଉରକେଲା ମଡେଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇପାରିବ ଏବଂ ଏହାର ଡାକ୍ତରଖାନା ପାଇଁ ଜମି ଅଧିଗ୍ରହଣ କରାଯାଇଛି । ଅତିଶୀଘ୍ର ସେଠାରେ ଡାକ୍ତରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ଏହି ପ୍ରାଥମିକ କର୍ମଚାରୀ ରାଜ୍ୟ ବୀମା ଚିକିତ୍ସାଳୟରେ ଜଣେ ଡାକ୍ତର ଓ ୩ ଜଣ କର୍ମଚାରୀଙ୍କୁ ଦାୟିତ୍ୱ ଦେଇ ବର୍ତ୍ତମାନ ପାଇଁ ଏହା ଖୋଲାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ରାଜନୈତିକ ଦଳ କାର୍ଯ୍ୟକର୍ତ୍ତା, ପୁରୁଷ ଓ ମହିଳା ଶ୍ରମିକ, ବଣାଇବାସୀ ଉପସ୍ଥିତ ଥିଲେ ।

**ରାଜଗାଙ୍ଗପୁର:** ରାଜଗାଙ୍ଗପୁର ଆଇଟି କଲୋନୀ ନିକଟରେ ଇଏସଆଇ ହସ୍ପିଟାଲର ନୂତନ ଘର ଉଦ୍ଘାଟିତ ହୋଇଯାଇଛି । ଆଜି ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସନ୍ନ ନାଏକ ଏହାକୁ ଉଦ୍ଘାଟନ କରି ଯଥାଶୀଘ୍ର ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ ଦୀର୍ଘବର୍ଷ ଧରି ଏହି ହସ୍ପିଟାଲଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା, ବର୍ଷା ସମୟରେ ସ୍ଥାନେ ସ୍ଥାନେ ଭାଙ୍ଗିଯାଇ ଛାତରୁ ପାଣି ଗଳୁଥିଲା । ଡାକ୍ତର, ନର୍ସଙ୍କ ଠାରୁ ଆରମ୍ଭ କରି ଔଷଧର ଅଭାବ ଯୋଗୁଁ ଶ୍ରମିକ ମାନେ ନାନା ପ୍ରକାରର ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । ଏଭଳି ସମୟରେ ନୂତନ ଗୃହ ଉଦ୍ଘାଟିତ ହେବା ପରେ ଶ୍ରମିକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି ।






ନବୀକୃତ ଭବନ